# ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗଦ୍ଵାରା ୨୦୦ କୋଟି ଟଙ୍କାର ଜାଲ ବିଲ ରକେଟର ପର୍ଦ୍ଦାଫାଶ

## ନୂଆକରି ଗଢି ଉଠିଥିବା ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ମାଧ୍ୟମରେ ଚାଲୁଥିଲା ରାକେଟ

**କଟକ :** ଓଡିଶା ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ଜାଲ ବିଲ ର ।କେଟର ବିରୁଦ୍ଧରେ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନକୁ ଏକ ବଡ ସଫଳତା ମିଳିଛି । ସୋମବାର ଦିନ ଏହି ରାକେଟରେ ସମ୍ପୃକ୍ତ ଥିବା ତିନି ଜଣ ମାଷ୍ଟରମାଇଣ୍ଡଙ୍କୁ (ଦୁଇ ଜଣ ରାଉଲକେଲାରୁ ଓ ଜଣେ ଚଉଦୁଆରରୁ) ଗିରଫ କରାଯାଇଛି । ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ମାଧ୍ୟମରେ ସେମାନେ ପ୍ରାୟ ୪୦.୩୬ କୋଟି ଟଙ୍କା ଫାଙ୍କି ଥିବା ଅଭିଯୋଗ ହୋଇଛି । ଏହି ଅଭିଯୁକ୍ତମାନେ ହେଲେ ଶ୍ରୀ ସ୍ମୃତି ରଞ୍ଜନ ମହାନ୍ତି , ଶ୍ରୀ ରାଜୀବ ମିଶ୍ର ଓ ଶ୍ରୀ ସୌମ୍ୟ ରଞ୍ଜନ ମହାନ୍ତି । ଏମାନଙ୍କ ମଧ୍ୟରୁ ଶ୍ରୀ ସୌମ୍ୟ ରଞ୍ଜନ ମହାନ୍ତି HDFC LIFE Insurance କମ୍ପାନୀର ସିନିୟର ବ୍ରାଞ୍ଚ ସାର୍ଭିସ ମ୍ୟାନେଜର ବୋଲି ଜଣା ପଡିଛି । ତେବେ ଏହି ରାକେଟରେ ଜଡିତ ଥିବା ଅନ୍ୟ ଦୁଇଜଣ ମାଷ୍ଟରମାଇଣ୍ଡ ଶ୍ରୀ ଶିବରାମ ପାତ୍ର (ରାଉଲକେଲା ସାମ୍ବାଦିକ ସଂଘର ସମ୍ପାଦକ) ଓ ଶ୍ରୀ ଅଙ୍କିତ ଅଗରୱାଲ (ରାଉଲକେଲା) ଫେରାର ଅଛନ୍ତି ।

୧୨ ଗୋଟି ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ସୃଷ୍ଟି କରିବା ସହ ସେଗୁଡିକୁ ପରିଚାଳନା କରି ୮୪.୦୧ କୋଟି ଟଙ୍କାର ଜାଲ କିଣା ବିଲ ମାଧ୍ୟମରେ ଏହି ପାଞ୍ଚଜଣ ଅଭିଯୁକ୍ତ ୨୦.୪୫ କୋଟି ଟଙ୍କାର ଇନ୍ପୁଟ ଟାକ୍ସ କ୍ରେଡିଟ ଆତ୍ମସାତ କରିଥିବା ଜଣାଯାଇଛି । ଏହି କାରବାରରେ ଜିନିଷପତ୍ରର ପ୍ରକୃତ କିଣାବିକା ହୋଇନାହିଁ । ସେହିପରି କାଗଜପତ୍ରରେ ମାଲ କିଣାଯାଇଥିବା ଦର୍ଶାଇ ୧୧୫.୧୯ କୋଟି ଟଙ୍କାର ଜାଲ ବିଲ ବଳରେ ୨୧.୯୧ କୋଟି ଟଙ୍କାର ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ (ITC) ରାଜ୍ୟ ତଥା ରାଜ୍ୟ ବାହାରର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି । ତେବେ ଏହି ୨୦୦ କୋଟି ଟଙ୍କାର ଜାଲ ଜିଏସଟି ବିଲ ମାତ୍ର ଚାରି ରୁ ପାଞ୍ଚ ମାସ ମଧ୍ୟରେ ସେମାନଙ୍କ ଦ୍ୱାରା କରାଯାଇଥିବା ଜଣାପଡିଛି ।

ଯଦି ଏହି ରାକେଟ ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ଠିକଣା ସମୟରେ ଠାବ ହୋଇ ନଥାନ୍ତା ତେବେ ରାଜ୍ୟ ରାଜସ୍ୱର ପ୍ରଭୂତ କ୍ଷତି ଘଟିଥାନ୍ତା । ଅନୁସନ୍ଧାନରୁ ଜଣା ଯାଇଛି ଯେ ଏହି ମାଷ୍ଟରମାଇଣ୍ଡମାନେ ଆଉ କେତେକ ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ସୃଷ୍ଟିକରି ସେଗୁଡିକ ମାଧ୍ୟମରେ ଜାଲ ବିଲ ଜାରି କରିବା ସହ ITC ଆତ୍ମସାତ କରିବାକୁ ଯୋଜନା କରିଥିଲେ । ଏହି ନକଲି ଫାର୍ମ ଗୁଡିକର ପଞ୍ଜିକରଣକୁ ତୁରନ୍ତ ରଦ୍ଦ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ କୁହାଯାଇଛି ।

ଓଡିଶା ଜିଏସଟି ଆଇନ ୨୦୧୭ ର ଧାରା 132(1)(c), 132(1)(b), 132(1)(l) ଓ ୧୩୨(୫) ଅନୁଯାୟୀ ସେମାନଙ୍କ ଏହି ଅପରାଧ ଏକ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଏବଂ 132(1)(i) ଧାରା ଅନୁଯାୟୀ ଦଣ୍ଡନୀୟ ।

ଉପରୁକ୍ତ ୧୨ ଗୋଟି ନକଲି ଫାର୍ମ ଦ୍ୱାରା କରା ଯାଇଥିବା ଠକାମି ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ତଥ୍ୟ ବିଶ୍ଲେଷଣ ଓ ଗୁଇନ୍ଦା ସୂତ୍ରକୁ ଆଧାର କରି ନଭେମ୍ବର ୨୦୨୦ ରେ ରାଜ୍ୟବ୍ୟାପୀ ଚଢଉ ଅଭିଯାନ ଆରମ୍ଭ କରାଯାଇଥିଲା । ପ୍ରାୟ ୧୦୦ ରୁ ଉର୍ଦ୍ଧ ଜାଲ ତଥା ଭୁତ ଫାର୍ମ ସାମ୍ନାକୁ ଆସିଥିଲା । ଏହି ଫାର୍ମ ଗୁଡିକ ବେକାର ଯୁବକ , ଗୃହିଣୀ , କୃଷକ , ବରିଷ୍ଠ ନାଗରିକ ଏବଂ ଦିନ ମଜୁରିଆଙ୍କ ନାମରେ କରାଯାଇଥିବା ଜଣା ପଡିଥିଲା । ସେମାନଙ୍କ ଦରିଦ୍ରତା ଓ ଅଜ୍ଞାନାତର ସୁଯୋଗ ନେଇ ଏହି ମାଷ୍ଟରମାଇଣ୍ଡମାନେ ସେମାନଙ୍କୁ ନିଯୁକ୍ତି କିମ୍ବା ଋଣ ଯୋଗାଇଦେବା ଆଳରେ ସେମାନଙ୍କ ଆଧାର କାର୍ଡ , ପାନ କାର୍ଡ , ଫୋଟୋ , ବ୍ୟାଙ୍କ ପାସବୁକ କୁ ନେଇ ସେମାନଙ୍କ ନାମରେ ନକଲି ଫାର୍ମ ସୃଷ୍ଟି କରି ରାଜ୍ୟ ରାଜସ୍ୱ ଲୁଣ୍ଠିବା ପାଇଁ ଉଦ୍ୟମ ଚଳାଇ ଥିଲେ । ଅବଶିଷ୍ଟ ଫାର୍ମଗୁଡିକ (ଉପରୁକ୍ତ ୧୨

ଟି ଫାର୍ମକୁ ଛାଡି) ସମ୍ପର୍କରେ ମଧ୍ୟ ଅନୁସନ୍ଧାନ ଜାରି ରହିଛି । ତଦନ୍ତ ଶେଷହେଲେ ଆହୁରି ଅଧିକ ମାଷ୍ଟରମାଇଣ୍ଡ ସାମନାକୁ ଆସିବା ସହ ଟିକସ ଫାଙ୍କିର ପ୍ରକୃତ ପରିମାଣ ଜଣା ପଡିବ ।

ଏକ ସୁଚିନ୍ତିତ ଯୋଜନାବଦ୍ଧଭାବେ ଏହି ମାଷ୍ଟରମାଇଣ୍ଡମାନେ ସେମାନଙ୍କର ଟିକସ ଫାଙ୍କି କାର୍ଯ୍ୟକଳାପ ଚଳାଇଥିଲେ । ନକଲି ଫାର୍ମ ଗୁଡିକର ପ୍ରୋପ୍ରାଇଟର ମାନଙ୍କ ନାମରେ ଥିବା ଚେକ ବୁକ ଏବଂ RTGS ଫର୍ମରେ ସେମାନଙ୍କ ଦସ୍ତଖତ ନେଇ ଏହି ମାଷ୍ଟରମାଇଣ୍ଡ ବ୍ୟାଙ୍କ କାରବାର କରିଥିଲେ । କେବଳ ସେତିକି ନୁହେଁ, ସେମାନଙ୍କ ATM କାର୍ଡ ଓ user ID ଏବଂ password କୁ ମଧ୍ୟ ମାଷ୍ଟରମାଇଣ୍ଡମାନେ ନିଜ ଅକ୍ତିଆରକୁ ନେଇଯାଇଥିଲେ । ଫଳରେ ଅନଲାଇନ ବ୍ୟାଙ୍କିଙ୍ଗ କାରବାର କରିବା ସେମାନଙ୍କ ପାଇଁ ସୁବିଧା ହୋଇଯାଇଥିଲା । କୌତୁହଳର ବିଷୟ ଯେ ସେମାନେ ଦୁଇଟି ଅଲଗା ଅଲଗା ମୋବାଇଲ ନମ୍ବର ବ୍ୟବହାର କରିଥିଲେ । ଗୋଟିକୁ ୱେବିଲ ବାହାର କରିବା ପାଇଁ ବ୍ୟବହାର କରୁଥିବା ବେଳେ ଅନ୍ୟଟିକୁ ବ୍ୟାଙ୍କ କାରବାର ପାଇଁ ବ୍ୟବହାର କରୁଥିଲେ । ଆଶ୍ଚର୍ଯ୍ୟର ବିଷୟ ଯେ ଯେଉଁ ଗୃହ ମାଲିକଙ୍କ ସହ ସେମାନେ ଭଡା ରାଜିନାମା କରିଥିଲେ ସେହି ଗୃହ ମାଲିକଙ୍କ ମୃତ୍ୟୁ ୪୦ ବର୍ଷ ପୂର୍ବରୁ ହୋଇସାରିଥିଲା !

ଗତ ୪ ମାସ ମଧ୍ୟରେ ଉପରୁକ୍ତ ୫ ଜଣ ମାଷ୍ଟରମାଇଣ୍ଡ ୧୨ ଗୋଟି ଭୁତ ବ୍ୟବସାୟିକ ପ୍ରତିଷ୍ଠାନ ତିଆରି କରି ସେଗୁଡିକ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ବ୍ୟଙ୍କିଙ୍ଗ କାରବାର ଜାରି ରଖିଥିଲେ । ଜିଏସଟି ଓ ଅନ୍ୟାନ୍ୟ କର୍ତୃପକ୍ଷଙ୍କୁ ସେମାନେ ପ୍ରକୃତ ପକ୍ଷେ ବ୍ୟବସାୟ କରିଥିବାର ଧାରଣା ଦେବାପାଇଁ ଏହି ବ୍ୟଙ୍କିଙ୍ଗ କାରବାର କରୁଥିଲେ । ବ୍ୟାଙ୍କ ଓ ବୀମା କମ୍ପାନୀ ସହ ସମ୍ପୃକ୍ତ ଥିବା କିଛି ବ୍ୟକ୍ତିଙ୍କ ସହାୟତା ସେମାନେ ନେଇଥିବାର ଯଥେଷ୍ଟ ପ୍ରମାଣ ଏନଫୋର୍ସମେଣ୍ଟ ୱିଙ୍ଗ ହାତରେ ଲାଗିଛି ।

ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ ଜାଲ ବିଲ ଜାରି କରି ପ୍ରାୟ ୪୭୦୦ କୋଟି ଟଙ୍କାର କିଣା ବିକା କରିଥିବା ୧୬ ଜଣ ଠକ ବ୍ୟବସାୟୀଙ୍କୁ ରାଜ୍ୟ ଏନଫୋର୍ସମେଣ୍ଟ ୱିଙ୍ଗ ଗିରଫ କରିଛି । ଏହି କିଣାବିକା ମାଧ୍ୟମରେ ସେମାନେ ପ୍ରାୟ ୮୮୧ କୋଟି ଟଙ୍କାର ଜାଲ ଆଇଟିସି ଆତ୍ମସାତ କରିବା ସହ ଅନ୍ୟକୁ ହସ୍ତାନ୍ତର କରିଥିବା ଜଣାଯାଇଛି । ପୁନଶ୍ଚ ରାଜ୍ୟ ଜିଏସଟି ବିଭାଗ ଦ୍ୱାରା ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୧୯୫୩୯ ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଛି । ରିଟର୍ନ ଦାଖଲ କରି ନଥିବା ହେଉ ଅଥବା କ୍ଷେତ୍ରିୟ ଅନୁସନ୍ଧାନରେ ଏଗୁଡିକ ଭୁତ ବ୍ୟବସାୟୀକ ପ୍ରତିଷ୍ଠାନ ଜଣା ପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଆହୁରି ମଧ୍ୟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସୁସଙ୍ଗଠିତ କରିବା ଉଦ୍ଦେଶ୍ୟରେ ଏଥିସହ କ୍ଷେତ୍ରିୟ ଅନୁସନ୍ଧାନ ଓ ଆଧାର କାର୍ଡ କୁ ଯୋଡା ଯାଇଛି ।

ରାଜ୍ୟ ଜିଏସଟି କମିସନରେଟ ତରଫରୁ ସ୍ପଷ୍ଟ ସନ୍ଦେଶ ଦିଆଯାଇଛି ଯେ କୌଣସି ଲୋକ ନିଜର ପରିଚୟ ପତ୍ର ସମ୍ପର୍କିତ କାଗଜ ପତ୍ର କାହାରିକୁ ପ୍ରଦାନ କରନ୍ତୁ ନାହିଁ । ଯଦି କେହି ଏପରି କରିଥାନ୍ତି ତେବେ ସେମାନେ ତୁରନ୍ତ ରାଜ୍ୟ ଜିଏସଟି କମିସନରେଟଙ୍କୁ ଜଣାନ୍ତୁ, ଯାହା ଫଳରେ ଏଗୁଡ଼ିକର ଅପବ୍ୟବହାର କୁ ରୋକିହବ । ପୁନଶ୍ଚ ସେମାନଙ୍କ ବ୍ୟକ୍ତିଗତ କାଗଜପତ୍ର ଅପବ୍ୟବହାର ହେଉଥିବା ଅନୁଭବ କରନ୍ତି ତେବେ ସେମାନେ ତୁରନ୍ତ ନିକଟସ୍ଥ ଜିଏସଟି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।